କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

RNI REGD NO- ORORI/26A4694 | ଦୈନିକ ଓଡ଼ିଆ ଖବର କାଗଜ | KOSHAL SAMBAD- Daily News Paper

Vol- 01 ■ No-40, Thursday 12 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୦ ■ ଗୁରୁବାର ୧୨ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଜମ୍ମୁ-କାଶ୍ମୀରରେ ଆତଙ୍କୀ ହମଲା: ୧୫ ସେକେଣ୍ଡରେ ଚାଲିଲା ୩୦ ରାଉଣ୍ଡ ଗୁଳି



ଜମ୍ମୁ-କାଶ୍ମୀର : ଜମ୍ମୁ-କାଶ୍ମୀରର କୁଲଗାମ ଜିଲ୍ଲାରେ ବୁଧବାର (୧୧ ନଭେମ୍ବର)ର ଦ୍ୱିପ୍ରହରରେ ବାଇକରେ ବସି ଥିବା ଆତଙ୍କବାଦୀମାନେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆରପିଏଫ)ର ଏକ ଯାଞ୍ଚ ପୋଷ୍ଟରେ ଗୁଳିକାଣ୍ଡ କରି ଥିଲେ, ଯେଉଁଥିରେ ତିନି ଜଣ ଯବାନ ଆହତ ହୋଇଛନ୍ତି । ଏଥିରେ ଜଣଙ୍କର ସ୍ଥିତି ଗମ୍ଭୀର ଅଛି । ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ଆକ୍ରମଣ ମିର ବଜାର ନିକଟରେ ଦ୍ୱିପ୍ରହର ପ୍ରାୟ ୨ଟା ୧୫ ମିନିଟରେ ହୋଇଛି । ଏହି ଆତଙ୍କୀ ହମଲାର ଏକ ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି , ଯେଉଁଥିରେ ଗୁଳି ଫୁଟିବାର ଶବ୍ଦ ସ୍ପଷ୍ଟ ଶୁଣାଯାଉଛି। ଏକ ସିକ୍ୟୁରିଟି କ୍ୟାମେରାରେ ଯେଉଁ ଦୃଶ୍ୟ କଏଦ ହୋଇଛି, ଏଥିରେ ଅନେକ ଫାୟାରିଂର ଶବ୍ଦ ରେକର୍ଡ ହୋଇଛି । ଫୁଟେଜରେ ୧୫ ସେକେଣ୍ଡ ଭିତରେ ପ୍ରାୟ ୩୦ ରାଉଣ୍ଡରୁ ଅଧିକ ଫାୟାରିଂର ଶବ୍ଦ ଶୁଣାଯାଉଛି। ଏହା ବ୍ୟତୀତ ଏକ ମିନିଟ୍ ଭିତରେ ଆଉ ଏକ ଡର୍ଜନ ଫାୟାରିଂର ଶବ୍ଦ ଆସୁଛି । ଏହି ସମୟରେ କ୍ୟାମେରା ସାମ୍ନାରେ କିଛି ଖଣ୍ଡ କିମ୍ବା ଛୋଟ ଛୋଟ ପଥର ମଧ୍ୟ ଖସିବାର ଦେଖା ଯାଉଛି । ଫୁଟେଜର ଆରମ୍ଭରେ କେବଳ ଜଣେ ଉଜଚର ଯବାନ ଦୋକାନ ଗୁଡ଼ିକର ଧାଡ଼ି ସାମ୍ନାରେ ବସି ଥିବାର ନଜର ଆସୁଛନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା-୩ରେ)

ଶକ୍ତି କ୍ଷେତ୍ରରେ ବଡ଼ ପଦକ୍ଷେପ, ୪,୭୦୮ କୋଟି ଟଙ୍କାର ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରି



ଭୁବନେଶ୍ୱର, ୧୨/୧୧: ରାଜ୍ୟର ଶକ୍ତି ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରାୟ ୪,୭୦୮ କୋଟି ଟଙ୍କା ବ୍ୟୟରେ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଥିବା ଖବର ପ୍ରକାଶ ପାଇଛି। ଏହି ପ୍ରକଳ୍ପକୁ ରାଜ୍ୟର ଦୀର୍ଘମିଆଦୀ ଶକ୍ତି ଆବଶ୍ୟକତା ପୂରଣ ଓ ଅକ୍ଷୟ ଶକ୍ତିର ସଠିକ୍ ବ୍ୟବହାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ପମ୍ପଡ୍ ଷ୍ଟୋରେଜ୍ ପ୍ରଯୁକ୍ତି ହେଉଛି ଜଳ ମାଧ୍ୟମରେ ଶକ୍ତି ସଂରକ୍ଷଣର ଏକ ଆଧୁନିକ ପଦ୍ଧତି। ଏଥିରେ ବିଦ୍ୟୁତ୍ ଚାହିଦା କମ୍ ଥିବା ସମୟରେ ଅତିରିକ୍ତ ବିଦ୍ୟୁତ୍ ବ୍ୟବହାର କରି ଜଳକୁ ଉଚ୍ଚ ସ୍ଥାନରେ ଥିବା ଜଳଭଣ୍ଡାରକୁ ଉଠାଯାଏ। ପରେ ବିଦ୍ୟୁତ୍ ଚାହିଦା ବଢ଼ିଲେ ସେହି ଜଳକୁ ତଳକୁ ପ୍ରବାହିତ କରି ଟର୍ବାଇନ୍ ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କରାଯାଏ। ବିଶେଷକରି ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ସରୁ ମିଳୁଥିବା ଅତିରିକ୍ତ ବିଦ୍ୟୁତ୍‌କୁ ସଂରକ୍ଷଣ କରି ଆବଶ୍ୟକ ସମୟରେ ବ୍ୟବହାର କରିବାରେ ଏହି ପ୍ରଯୁକ୍ତି ସହାୟକ ହୋଇଥାଏ। ଫଳରେ ବିଦ୍ୟୁତ୍ ଯୋଗାଣରେ ସ୍ଥିରତା ଆଣିବା ସହିତ ଗ୍ରୀଡ୍ ପରିଚାଳନାକୁ ଅଧିକ ସୁବିଧାଜନକ କରାଯାଇପାରେ। ଓଡ଼ିଶାରେ ଶିଳ୍ପାୟନ ଓ ସହରୀକରଣ ବଢ଼ିବା ସହ ବିଦ୍ୟୁତ୍ ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଶକ୍ତି ସଂରକ୍ଷଣ ପ୍ରକଳ୍ପ ଭବିଷ୍ୟତରେ ରାଜ୍ୟ ପାଇଁ ଉପଯୋଗୀ ହୋଇପାରେ। ତେବେ ପ୍ରକଳ୍ପର ନିର୍ମାଣ, ପରିବେଶ ଉପରେ ପ୍ରଭାବ, ଜଳ ସମ୍ପଦର ବ୍ୟବହାର ଓ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି କାର୍ଯ୍ୟ ଆଗେଇ ନେବା ଆବଶ୍ୟକ। ଏହି ପ୍ରକଳ୍ପ କେବେ ନିର୍ମାଣ ଆରମ୍ଭ ହେବ, କେତେ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିବ ଏବଂ କେତେ ଲୋକ ନିଯୁକ୍ତି ପାଇବେ, ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଆସିବା ପରେ ଏହାର ପ୍ରକୃତ ପ୍ରଭାବ ସ୍ପଷ୍ଟ ହେବ।



କୋଶଳ ସମ୍ବାଦ

ଗୁରୁବାର ୧୨ ନଭେମ୍ବର ୨୦୨୬



ଶିରୋନାମା: ବିକାଶର ନୂଆ ଦିଗନ୍ତ ଓ ଓଡ଼ିଶାର ଭବିଷ୍ୟତ – ଯୋଜନା ନୁହେଁ, ଆବଶ୍ୟକ ଦୃଢ଼ କାର୍ଯ୍ୟାନୁଷ୍ଠାନ



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜ୍ୱଳପୁର ସୁନ୍ଦରଗଡ଼

ଓଡ଼ିଶା ଆଜି ବିକାଶର ଏକ ନୂଆ ସମୟ ଦେଇ ଗତି କରୁଛି। ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ରାଜ୍ୟ ପାଇଁ ଅନେକ ସମ୍ଭାବନା ରହିଛି। ରାଜ୍ୟର ପ୍ରାକୃତିକ ସମ୍ପଦ, ମାନବ ସମ୍ବଳ ଓ ଭୌଗୋଳିକ ସ୍ଥିତି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ି ତୋଳିବାର ସୁଯୋଗ ଦେଇଛି। କିନ୍ତୁ କେବଳ ନୂଆ ଯୋଜନା ଘୋଷଣା କରିଦେଲେ ବିକାଶର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏଥିପାଇଁ ଆବଶ୍ୟକ ଦୂରଦୃଷ୍ଟି, ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ତୃଣମୂଳ ସ୍ତରରେ ଯୋଜନାର ସଫଳ ରୂପାୟନ।

ସମ୍ପ୍ରତି ଓଡ଼ିଶା ଓ ଜାପାନର ଟୋଟୋରି ପ୍ରଦେଶ ମଧ୍ୟରେ ବନ୍ଧୁତ୍ୱ ଓ ସହଯୋଗ ଚୁକ୍ତି ଏବଂ ଷ୍ଟାର୍ଟଅପ୍ ଓ ଦକ୍ଷତା ବିକାଶ କ୍ଷେତ୍ରରେ ବୁଝାମଣା ରାଜ୍ୟ ପାଇଁ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହା ଯଦି ଠିକ୍ ଭାବେ କାର୍ଯ୍ୟକାରୀ ହୁଏ, ତେବେ ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ, ଆଧୁନିକ ପ୍ରଶିକ୍ଷଣ ଓ ଶିଳ୍ପ କ୍ଷେତ୍ରରେ ନୂଆ ଦ୍ୱାର ଖୋଲିପାରିବ। ତେବେ ଏହି ସହଯୋଗର ସୁଫଳ କେବଳ ବଡ଼ ସହର କିମ୍ବା କିଛି ଶିଳ୍ପସଂସ୍ଥା ମଧ୍ୟରେ ସୀମିତ ନ ରହି ଗ୍ରାମା ଳର ଯୁବକଯୁବତୀଙ୍କ ପାଖରେ ପହଞ୍ଚିବା ଦରକାର।

ଅନ୍ୟପକ୍ଷରେ ରାଜ୍ୟରେ କୃଷି ଓ ଜଳସମ୍ପଦର ସୁପରିଚାଳନା ମଧ୍ୟ ଏକ ବଡ଼ ଆହ୍ୱାନ। ଚାଷୀ ଆଜି ମଧ୍ୟ ଅନିୟମିତ ବର୍ଷା, ଜଳସେଚନ ଅଭାବ, ଫସଲର ଉଚିତ ମୂଲ୍ୟ ଓ ବଜାର ସମସ୍ୟା ସହ ସଂଘର୍ଷ କରୁଛି। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ଅନେକ ପରିବାରର ଜୀବନଜୀବିକାକୁ ପ୍ରଭାବିତ କରୁଛି। ତେଣୁ ବିପର୍ଯ୍ୟୟ ପରେ ସହାୟତା ଦେବା ସହିତ ବିପର୍ଯ୍ୟୟ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଓ ଦୀର୍ଘକାଳୀନ ଯୋଜନାକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।

ବିକାଶର ଅର୍ଥ କେବଳ ବଡ଼ ବଡ଼ ରାସ୍ତା, କୋଠାବାଡ଼ି ଓ ଶିଳ୍ପ ପ୍ରତିଷ୍ଠାନ ନୁହେଁ। ଗାଁର ଜଣେ ଗରିବ ଛାତ୍ର ଉତ୍ତମ ଶିକ୍ଷା ପାଇବା, ଜଣେ ରୋଗୀ ସମୟରେ ଚିକିତ୍ସା ପାଇବା, ଜଣେ ଚାଷୀ ତାଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବା ଏବଂ ଜଣେ ବେକାର ଯୁବକ ନିଜ ଅଞ୍ଚଳରେ ରୋଜଗାର ପାଇବା ହିଁ ପ୍ରକୃତ ବିକାଶର ପରିଚୟ।

ସରକାରୀ ଯୋଜନାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଯୋଜନା ପାଇଁ ଅର୍ଥ ବ୍ୟୟ ହେଲା କି ନାହିଁ ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ଅର୍ଥରେ ଲୋକଙ୍କୁ କେତେ ଲାଭ ମିଳିଲା। ନିର୍ମାଣ କାମର ଗୁଣବତ୍ତା, ଦୁର୍ନୀତି ନିୟନ୍ତ୍ରଣ ଓ ଅଧିକାରୀଙ୍କ ଦାୟିତ୍ୱବୋଧ ଉପରେ କଡ଼ା ନଜର ରଖିବା ଆବଶ୍ୟକ।

ଆଜିର ଯୁବପିଢ଼ି ନୂଆ ଓଡ଼ିଶାର ସବୁଠାରୁ ବଡ଼ ଶକ୍ତି। ସେମାନଙ୍କୁ କେବଳ ପ୍ରତିଶ୍ରୁତି ନୁହେଁ, ଦକ୍ଷତା, ଉଦ୍ୟୋଗ ପ୍ରତିଷ୍ଠା ଓ ନିଯୁକ୍ତିର ବାସ୍ତବ ସୁଯୋଗ ଦେବାକୁ ପଡ଼ିବ। ସେହିପରି ମହିଳା ସଶକ୍ତୀକରଣ, ଆଦିବାସୀ ଅଞ୍ଚଳର ବିକାଶ ଓ ପଛୁଆ ଜିଲ୍ଲାଗୁଡ଼ିକରେ ମୌଳିକ ସୁବିଧାର ସମାନ ବଣ୍ଟନ ଉପରେ ଗୁରୁତ୍ୱ ଦେବାକୁ ହେବ। ଓଡ଼ିଶାର ବିକାଶର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ସରକାରୀ ଯୋଜନାର ସୁଫଳ ଶେଷ ଧାଡ଼ିରେ ଥିବା ମଣିଷ ପାଖରେ ପହଞ୍ଚିବ। ତେଣୁ ଏବେ ସମୟ ଆସିଛି ଘୋଷଣାରୁ କାର୍ଯ୍ୟାନୁଷ୍ଠାନକୁ ଯିବାର। ବିକାଶର ମାପକାଠି ହେଉ ଲୋକଙ୍କ ମୁହଁରେ ହସ, ଜୀବନରେ ସୁରକ୍ଷା ଓ ଭବିଷ୍ୟତ ପ୍ରତି ଆତ୍ମବିଶ୍ୱାସ।

ମା’ କାଳୀଙ୍କ ପୂଜାରେ ଉତ୍ସବମୁଖର କନିକା, ଆଲୋକସଜ୍ଜାରେ ଝଲସୁଛି ପୂଜା ମଣ୍ଡପ



ହେମଗିର, ୧୧/୧୧(ରିପୋର୍ଟ: ବଲ୍ଲଭ ଓରାମ): ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ କନିକାଠାରେ ମା’ କାଳୀଙ୍କ ପୂଜା ଅବସରରେ ଭକ୍ତିମୟ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। କାଳୀପୂଜା କମିଟି ପକ୍ଷରୁ ଚଳିତ ବର୍ଷ ମା’ଙ୍କ ପୂଜା ମହାଆଡ଼ମ୍ବର ଓ ଶ୍ରଦ୍ଧାଭକ୍ତିର ସହ ପାଳନ କରାଯାଉଛି । ଆକର୍ଷଣୀୟ ରଙ୍ଗବେରଙ୍ଗର ଆଲୋକମାଳା, ସୁନ୍ଦର ତୋରଣ ଓ ମନୋରମ ଆଲୋକସଜ୍ଜାରେ ଝଲସୁଛି ପୂଜା ମଣ୍ଡପ। ପାଞ୍ଚ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଗଣନାଟ୍ୟ ଓ ମୀନାବଜାର ଆୟୋଜନ ହେଉଥିବାରୁ ଏହା ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଛି। ମା’ଙ୍କ ଦର୍ଶନ ପାଇଁ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ମା’ଙ୍କର ସମସ୍ତ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଉଛି। ଏହି ଅବସରରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ କନିକା ପୂଜା ମଣ୍ଡପରେ ପହଞ୍ଚି ମା’ କାଳୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ମା’ କାଳୀଙ୍କ ଆଗମନରେ କନିକା ଅଞ୍ଚଳରେ ଭକ୍ତି, ଆସ୍ଥା ଓ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ଏହି ପୂଜା ମହୋତ୍ସବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି।

ସୁବର୍ଣ୍ଣପୁର ନୂତନ ଟାଉନ୍ ହଲ୍‌ରେ ଜିଲ୍ଲାସ୍ତରୀୟ ପେନସନ ବଣ୍ଟନ ସମାରୋହ

ଏକୀକୃତ ପେନସନ ପରିଚାଳନା ପୋର୍ଟାଲ / ୟୁନିଫାଏଡ୍ ପେନସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ (ଟଚଗଚ)ର ଶୁଭାରମ୍ଭ ଓ ମଧୁବାବୁ ପେନସନ ବଣ୍ଟନ କାର୍ଯ୍ୟକ୍ରମ



ସୁବର୍ଣ୍ଣପୁର, ତା ୧୧/୧୧: ଆଜି ସୁବର୍ଣ୍ଣପୁର ନୂତନ ଟାଉନ୍ ହଲ୍‌ରେ ଜିଲ୍ଲାସ୍ତରୀୟ ପେନସନ ବଣ୍ଟନ ସମାରୋହ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାର ଗରିବ, ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନଙ୍କ ସମ୍ମାନଜନକ ଜୀବନଧାରଣ ପାଇଁ ପ୍ରତିଶ୍ରୁତିବଦ୍ଧ। ମଧୁବାବୁ ପେନସନ ପାଇବା ପାଇଁ ଯୋଗ୍ୟ ନାଗରିକଙ୍କୁ ଆଉ କୌଣସି କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼ିବ ନାହିଁ। ଯୋଗ୍ୟ ହିତାଧିକାରୀ ‘ଏକୀକୃତ ପେନସନ ପରିଚାଳନା ପୋର୍ଟାଲ / ୟୁନିଫାଏଡ୍ ପେନସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ’ (**UPMP**) ଜରିଆରେ ଆବେଦନ କଲେ ଏକ ମାସ ମଧ୍ୟରେ ଭତ୍ତା ମଞ୍ଜୁର କରାଯିବ ଏବଂ ଏଥିରେ କୌଣସି ପ୍ରକାର ବିଳମ୍ବ କରାଯିବ ନାହିଁ। ବୟସ ୬୦ ବର୍ଷ ଛୁଇଁବା ମାତ୍ରେ ଟଚଗଚ ଜରିଆରେ ସ୍ୱଚ୍ଛ ଭାବେ ସିଧାସଳଖ ଭତ୍ତା ମିଳିବ ବୋଲି ଆଜି ସୁବର୍ଣ୍ଣପୁର ନୂତନ ଟାଉନ୍ ହଲ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ମଧୁବାବୁ ପେନସନ ଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲାରେ ୫,୦୬୨ ଜଣ ନୂତନ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ରାଜ୍ୟରେ ଆବେଦନ କରିଥିବା ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମଧ୍ୟରୁ ୫ ଲକ୍ଷରୁ ଅଧିକଙ୍କୁ ଅନୁମୋଦନ ଦିଆଯାଇଛି। ଯେଉଁମାନଙ୍କର ଆଧାର କିମ୍ବା ବ୍ୟାଙ୍କ ଖାତା ଜନିତ ବୈଷୟିକ (**Technical**) ତ୍ରୁଟି ରହିଛି, ସରକାର ତାହାର ସମାଧାନ କରୁଛନ୍ତି ଏବଂ ସେମାନେ ମଧ୍ୟ ନିଶ୍ଚିତ ଭାବେ ପେନସନ ପାଇବେ। ହିତାଧିକାରୀମାନଙ୍କୁ ଅକ୍ଟୋବର ଏବଂ ନଭେମ୍ବର, ଏହି ଦୁଇ ମାସର ଭତ୍ତା ଆଜି ପ୍ରଦାନ କରାଯାଇଛି। ଆଜି ପ୍ରାୟ ୬୦୦ ଜଣ ହିତାଧିକାରୀ ପେନସନ ପାଇଛନ୍ତି। ଆସନ୍ତା ଡିସେମ୍ବର ମାସରୁ ପ୍ରତି ମାସର ୧୫ ତାରିଖରେ ଭତ୍ତା ନିୟମିତ ଭାବେ ପ୍ରଦାନ କରାଯିବ। ଯେଉଁ ଅସହାୟ ବୟସ୍କ ଲୋକଙ୍କର ଶାରୀରିକ ଅସୁସ୍ଥତା କିମ୍ବା ବାୟୋମେଟ୍ରିକ୍ (ଆଙ୍ଗୁଠି ଚିହ୍ନ/ଆଖି ସ୍କାନ) ସମସ୍ୟା ରହିଛି, ସରକାରୀ ପ୍ରତିନିଧି ସିଧାସଳଖ ସେମାନଙ୍କ ଘରେ ପହଞ୍ଚି ନଗଦ ଅର୍ଥ ପ୍ରଦାନ କରିବେ। ବୟସ ୮୦ ବର୍ଷ ଅତିକ୍ରମ କରିଥିବା ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କୁ ମାସିକ ୩,୫୦୦ ଟଙ୍କା ଲେଖାଏଁ ପେନସନ ରାଶି ମିଳିବ। ପେନସନ ବା ଆବାସ ଯୋଜନା ପାଇଁ କାହାକୁ ଗୋଟିଏ ନୂଆ ପଇସା ବି ଲାଞ୍ଚ ନଦେବାକୁ ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଏବଂ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଅଧିକାରୀମାନଙ୍କୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗୀତା ସିଂହଦେଓ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଥେଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ସମାଜସେବୀ ଏବଂ ହଜାର ହଜାର ହିତାଧିକାରୀ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ତତ୍ତ୍ୱାବଧାନ ରେ ଆୟୋଜିତ ହୋଇଥିଲା ଏବଂ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରି ଏଥିରେ ସହଯୋଗ କରିଥିଲେ ।

ଡିଜେଲ ଚୋରି ଅଭିଯୋଗରେ ୩ ଅଭିଯୁକ୍ତ ଗିରଫ, ଚୋରି ଡିଜେଲ ଓ ଗାଡ଼ି ଜବତ



ବଡ଼ଗାଁ : ବଡ଼ଗାଁ ପୋଲିସ ଡିଜେଲ ଚୋରି ଘଟଣାର ସଫଳ ପର୍ଦ୍ଦାଫାଶ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ତା. ୧୦.୧୧.୨୦୨୬ ରିଖ ଭୋର ପ୍ରାୟ ୪.୩୦ ମିନିଟ ସମୟରେ ବଡ଼ଗାଁ ପୋଲିସର ଏକ ଟିମ୍ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଗରିଆମାଲ ଛକ ନିକଟରେ ଏକ ସନ୍ଦେହଜନକ ଧଳା ବୋଲେରୋ ଗାଡ଼ି (**OD-02-P-8572**)କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ ଗାଡ଼ିରୁ ଦୁଇଟି ୨୦ ଲିଟର ବିଶିଷ୍ଟ ଜାର୍କିନ୍‌ରେ ରଖାଯାଇଥିବା ମୋଟ ୪୦ ଲିଟର ଚୋରି ଡିଜେଲ (ଆନୁମାନିକ ମୂଲ୍ୟ ୪,୦୪୦/-), ତିନୋଟି ଖାଲି ଜାର୍କିନ୍ ଏବଂ ଗୋଟିଏ ପ୍ଲାଷ୍ଟିକ ପାଇପ୍ ଜବତ କରାଯାଇଥିଲା। ଏଥିସହ ଅଭିଯୁକ୍ତମାନଙ୍କର ଚାରୋଟି ମୋବାଇଲ ଫୋନ୍ ଓ ସେଥିରେ ଥିବା ସିମ୍ କାର୍ଡ ମଧ୍ୟ ଜବତ କରାଯାଇଛି। ପଚରାଉଚରା ସମୟରେ ଅଭିଯୁକ୍ତମାନେ **SH-10** ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରକ୍‌ରୁ ଡିଜେଲ ଚୋରି କରି ବ୍ୟକ୍ତିଗତ ଲାଭ ପାଇଁ ବିକ୍ରି କରିବାକୁ ଯୋଜନା କରିଥିବା ସମ୍ପର୍କରେ ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ: ରଣଜିତ ମାକର (୨୮), ପିତା- ଅକ୍ଷୟ ମାକର। ସଞ୍ଜିତ ରାୟ (୧୯), ପିତା- ରାମବିଲାସ ରାୟ। ସୁଶାନ୍ତ ନାଏକ (୨୪), ପିତା- ଗୋବର୍ଦ୍ଧନ ନାଏକ। ସମସ୍ତ ଅଭିଯୁକ୍ତ ଗଙ୍ଗାଡିହି ଗ୍ରାମ, ବିଞ୍ଜିପାଲି, ଥାନା- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁରର ବାସିନ୍ଦା। ଏହି ଘଟଣାରେ ବଡ଼ଗାଁ ଥାନା କେସ୍ ନଂ- ୩୫୩, ତା. ୧୦.୧୧.୨୦୨୬, ଦଫା- ୩୦୩(୨)/୩(୫) ଇଘଝ ରେ ମାମଲା ରୁଜୁ କରାଯାଇଛି। ଗିରଫ ତିନିଜଣ ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି।

ଭଡ଼ା ଘରୁ ଯୁବତୀଙ୍କ ମୃତଦେହ ଉଦ୍ଧାର, ମୃତ୍ୟୁକୁ ନେଇ ରହସ୍ୟ ଘନୀଭୂତ; ପ୍ରେମିକଙ୍କ ଭୂମିକା ନେଇ ସନ୍ଦେହ

ସୁନ୍ଦରଗଡ଼: ଭଡ଼ା ଘର ଭିତରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଘର ଭିତରେ ବେକରେ ରଶି ଲାଗିଥିବା ଅବସ୍ଥାରେ ଯୁବତୀଙ୍କ ମୃତଦେହ ମିଳିବା ପରେ ମୃତ୍ୟୁର କାରଣକୁ ନେଇ ନାନା ପ୍ରଶ୍ନ ଉଠିଛି। ସୂଚନା ଅନୁସାରେ, ଯୁବତୀ ଜଣକ ଏକ ଭଡ଼ା ଘରେ ରହୁଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ଯୁବତୀଙ୍କ ମୃତ୍ୟୁ ପଛରେ ପ୍ରେମ ସମ୍ପର୍କ ଜନିତ କୌଣସି କାରଣ ରହିଛି କି ଅନ୍ୟ କିଛି ରହସ୍ୟ ଲୁଚି ରହିଛି, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଘଟଣାକୁ ନେଇ ପରିବାର ଲୋକଙ୍କ ପକ୍ଷରୁ ହତ୍ୟା ଅଭିଯୋଗ ଉଠିଥିବା ବେଳେ ପୁଲିସ ସମସ୍ତ ଦିଗକୁ ନେଇ ତଦନ୍ତ କରୁଛି। ମୃତଦେହର ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ଏହା ଆତ୍ମହତ୍ୟା ନା ଯୋଜନାବଦ୍ଧ ହତ୍ୟା ? ଯୁବତୀଙ୍କ ମୃତ୍ୟୁ ପଛରେ କାହାର ହାତ ରହିଛି ? ପ୍ରେମ ସମ୍ପର୍କକୁ ନେଇ କୌଣସି ବିବାଦ ଥିଲା କି ? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ତଦନ୍ତ ଓ ପୋଷ୍ଟମର୍ଟମ ରିପୋର୍ଟ ପରେ ଘଟଣାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ।

ମହାଦେବପଡ଼ାରେ ସ୍କୁଟିକୁ ଧକ୍କା ଦେଲା କାର, ଚାଳକ ଗୁରୁତର; ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଲା ପୋଲିସ



ଲେପ୍ରିପଡ଼ା, ସୁନ୍ଦରଗଡ଼: ସୁନ୍ଦରଗଡ଼ ଜିଲ୍ଲା ଲେପ୍ରିପଡ଼ା ଥାନା ଅନ୍ତର୍ଗତ ମହାଦେବପଡ଼ାଠାରେ ଏକ କାରର ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ଆହତ ସ୍କୁଟି ଚାଳକ ଜଣକ ଏକ ଘରୋଇ ବ୍ୟାଙ୍କର ଫାଇନାନ୍ସ ବିଭାଗରେ କାର୍ଯ୍ୟ କରନ୍ତି। ସେ ଗିରିଙ୍ଗକେଲା ଗ୍ରାମରୁ କାର୍ଯ୍ୟ ସାରି ସ୍କୁଟି ଯୋଗେ ଫେରୁଥିବା ସମୟରେ ମହାଦେବପଡ଼ାଠାରେ ସାମ୍ନା ପଟୁ ଆସୁଥିବା ଏକ କାର ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ଲେପ୍ରିପଡ଼ା ପୋଲିସ ପହଞ୍ଚି କାରରେ ଥିବା ଦୁଇ ଜଣଙ୍କୁ ମଦ୍ୟପ ଅବସ୍ଥାରେ ଥିବା ସନ୍ଦେହରେ ଥାନାରେ ଅଟକ ରଖିଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ରାସ୍ତାରେ ଗାଡ଼ି ଚଳାଇବା ସମୟରେ ଟ୍ରାଫିକ ନିୟମ ପାଳନ ସହ ନିଶାସକ୍ତ ଅବସ୍ଥାରେ ଗାଡ଼ି ନଚଳାଇବାକୁ ସଚେତନ ମହଲରେ ମତ ପ୍ରକାଶ ପାଇଛି।

ବାଣ ଓ ମିଠା ବାଣ୍ଟି ଦୀପାବଳୀ ପାଳିଲେ ସାମାଜିକ ସାଂସ୍କୃତିକ ବିକାଶ ସଂଘ



ସୁନ୍ଦରଗଡ଼: ଖୁସିର ଦିନ ଦୀପାବଳୀକୁ ବାଣ ଓ ମିଠା ବାଣ୍ଟି ପାଳନ କରିଲା। ସାମାଜିକ ସାଂସ୍କୃତିକ ବିକାଶ ସଂଘ। ଢେଙ୍କାନାଳ ଠାରୁ ପ୍ରାୟ ୨୫ **km** ଦୂରରେ ଏକ ବସ୍ତିରେ ପାଳନ କରାଗଲା।ଏଥିରେ ଝରଝରି କୁମ୍ଭି ଚକ୍ରୀ ଓ ହାବେଲୀ ବାଣ ବଣ୍ଟନ କରାଗଲା ଓ ଏଥି ସହିତ ମିଠା ବିସ୍କୁଟ ମଧ୍ୟ ବଣ୍ଟନ କରାଗଲା। ଜନବସତି ଠାରୁ କିଛି ଦୂରରେ ବାଣ ଫୁଟାଗଲା।ଓ ଏଥିସହିତ ସଂଘର ସଦସ୍ୟ ସୌମ୍ୟ ସାଗର ମିଶ୍ର ବାଣ କୁ ଜନ ବସତି ଠାରୁ ଦୂରେଇ ଫୁଟାଇବା ପାଇଁ ଓ ବିଶେଷ କରି ନିରୀହ ପଶୁ ମାନଙ୍କ ଠାରୁ ଦୂରେଇ ଫୁଟାଇବା ପାଇଁ ବାର୍ତ୍ତା ପ୍ରଦାନ କରିଲେ।



କୋଶଳ ସମାଜ

ଗୁରୁବାର ୧୨ ନଭେମ୍ବର ୨୦୨୬



ସାଇ ସତସଙ୍ଗ ସେବା ଟ୍ରଷ୍ଟର ବାର୍ଷିକ ଉତ୍ସବ



ଢେଙ୍କାନାଳ ସାଇ ସତସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଚଳିତ ମାସ ୧୩ ତାରିଖ ରୁ ୧୫ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଟ୍ରଷ୍ଟର ବାର୍ଷିକ ଉତ୍ସବ ମହା ଆଡମ୍ବର ରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅଧକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି. ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ଖୁଣ୍ଟିଆ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ, ୧୩ ତାରିଖ ଅପରାହ୍ନ ୫ଟା ରେ ବାଜିଚୌକି ସ୍ଥିତ ସୌଦାମିନୀ ସ୍କୁଲ ଠାରୁ ବାବାଙ୍କର ଶୋଭାଯାତ୍ରା ବାହାରି ଶ୍ରୀରାମ ମଣ୍ଡପରେ ପଂହଁଚିବ. ୧୪ ତାରିଖ ସକାଳ ୮ଟା ରେ ସାଇ ସତ୍ୟ ନାରାୟଣ ବ୍ରତ ପୂଜା ଅନୁଷ୍ଠିତ ହେବ, ଏଥିରେ ୧୦୮ ଯୋଡ଼ା ଦମ୍ପତି ସାମିଲ ହେବେ । ଏହି ପୂଜା ମହାରାଷ୍ଟ୍ର ଶିରିଡି ସଂସ୍ଥାନର ପୂଜାରୀଙ୍କ ଦ୍ୱାରା ସମାପନ ହେବ । ୧୫ ତାରିଖ ସକାଳ ୮ଘଟିକାରେ ଏକ ଦିବସୀୟ ସାଇ ସତଚରିତ ସମୂହ ପାରାୟଣ ଅନୁଷ୍ଠିତ ହେବ । ଓଡିଶାର ବିଭିର୍ନ୍ନ ପ୍ରାନ୍ତରୁ ଭକ୍ତ ମାନେ ପାରାୟଣ ରେ ଯୋଗ ଦେବାପାଇଁ ନାମ ପଞ୍ଜିକରଣ କରିଛନ୍ତି. ସନ୍ଧ୍ୟା ରେ ଶିରିଡି ପୂଜକ ଓ ଓଡିଶା ର ସୁନାମ ଧନ୍ୟ ସାଇ ପ୍ରବଚକ ମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦାନ ଦେବାକୁ ଟ୍ରଷ୍ଟ ର ସମ୍ପାଦିକା ଗୀତାଞ୍ଜଳି ମହାପାତ୍ର ଅନୁରୋଧ କରିଛନ୍ତି ।

ଭିତର ପୃଷ୍ଠାର ଅବଶିଷ୍ଟାଂଶ....

ଜମ୍ମୁ-କାଶ୍ମୀରରେ ଆତଙ୍କୀ ହମଲା...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ) ଯେତେବେଳେ ଗୁଳିର ଶବ୍ଦ ଶୁଭେ, ସେତେବେଳେ ଜଣେ ଜବାନ ଦୌଡୁ ଥିବାର ଫ୍ରେମରେ ଦେଖି ପାରିବେ। ପରେ ଦୁଇଜଣ ଯବାନ ମେସିନ୍ ଗନ୍ ଧରି ସେହି ସ୍ଥାନକୁ ଫେରୁ ଥିବାର ଦେଖା ଯାଉଛି, ଯେଉଁ ଠାରୁ ଗୁଳି ଚାଳନାର ଶବ୍ଦ ଆସୁ ଥିଲା । ୨ ମିନିଟ୍ ଲୟା ଏହି ଫୁଟେଜରେ କିଛି ଲୋକଙ୍କ ଚିତ୍କାର ଏବଂ ଆକ୍ରମଣକାରୀଙ୍କୁ ଚ୍ୟାଲେଞ୍ଜ କରିବାର ଶବ୍ଦ ମଧ୍ୟ ଶୁଣା ଯାଉଛି । ଏହି ଆକ୍ରମଣ ପରେ ଉଜଚର ଏକ ବୟାନରେ କହିଛି, ଏହି ଘଟଣା ଅପରାହ୍ନ ପ୍ରାୟ ୨ଟା ୧୫ରେ ଘଟି ଥିଲା, ଯେତେବେଳେ ଆକ୍ରମଣକାରୀମାନେ ଉଜଚର ଯବାନଙ୍କ ଉପରକୁ ଗୁଳିଚାଳନା କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇ ଥିଲେ। ଆହତ ଯବାନଙ୍କୁ ଚିକିତ୍ସା ପାଇଁ ଅନନ୍ତନାଗ ଜିଲ୍ଲାର ଏକ ହସ୍ପିଟାଲକୁ ନିଆଯାଇଛି । ଏଥିରେ କୁହାଯାଇଛି ଯେ, ସମ୍ପୃର୍ଣ୍ଣ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି ଏବଂ ଗୁଳି ଚାଳନା ପରେ ଫେରାର ହୋଇଥିବା ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ବ୍ୟାପକ ସର୍ଚ୍ଚ ଅପରେସନ୍ ଚାଲୁ ରହିଛି। ଅଧିକାରୀମାନେ ଜଣାଇଛନ୍ତି ଯେ, ଜଣେ ଯବାନଙ୍କ ପେଟରେ ଗୁଳି ବାଜିଛି ଏବଂ ତାଙ୍କ ଅବସ୍ଥା ଗୁରୁତର ରହିଛି, ଯେତେବେଳେ କି ଅନ୍ୟ ଦୁଇଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନେ କହିଛନ୍ତି ଯେ, ଜଣେ ଯବାନଙ୍କ ହାତରେ ଗୁଳି ବାଜି ଥିବା ବେଳେ ଅନ୍ୟ ଜଣଙ୍କ ଗୋଡ଼ରେ ଗୁଳି ବାଜିଛି। ଘଟଣାସ୍ଥଳର ଭିଡିଓରେ ଆହତ ଯବାନଙ୍କୁ ଷ୍ଟ୍ରେଚରରେ ହସ୍ପିଟାଲ ନିଆଯାଉ ଥିବା ଏବଂ ମେଡିକାଲ ଟିମ୍ ସେମାନଙ୍କ ସାହାଯ୍ୟ ପାଇଁ ଦ୍ରୁତ ଗତିରେ ପହଞ୍ଚୁ ଥିବା ଦେଖାଯାଇଛି । ଆକ୍ରମଣର ତୁରନ୍ତ ପରେ ସେହି ଅଞ୍ଚଳରେ ଅତିରିକ୍ତ ବାରିକେଡ୍ ଲଗାଯାଇଛି । ଆମ୍ବୁଲାନ୍ସର ସାଇରନ୍ ବାଜିବା ଏବଂ ଲାଉଡସ୍ପିକର ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଘର ଭିତରେ ରହିବାକୁ ଅପିଲ୍ କରାଯିବା ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ଘଟଣାସ୍ଥଳ ନିକଟରେ ସଶସ୍ତ୍ର ବୁଲେଟପ୍ରୁଫ୍ ଗାଡ଼ିରେ ସୁରକ୍ଷାକର୍ମୀଙ୍କୁ ମଧ୍ୟ ଦେଖାଯାଇ ଥିଲା। ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ କୁଲଗାମରେ ଉପସ୍ଥିତ ଥିଲେ, କିନ୍ତୁ ସେ ଆକ୍ରମଣ ସ୍ଥଳର ନିକଟତର ନଥିଲେ ।

ବସନ୍ତଙ୍କ ସ୍ୱପ୍ନର କେନ୍ଦୁଗୁଡ଼ା ପାଇବ ନୂଆ ଜୀବନ

ଜଳସେଚନ ପରେ ଏବେ ପର୍ଯ୍ୟଟନ କ୍ଷେତ୍ରରେ ଆରମ୍ଭ ହେବ ନୂଆ ଅଧ୍ୟାୟ



ଗୁଣୁପୁର , ୧୧/୧୧ : ୧୯୯୭ ମସିହାରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ତଥା ଜଳସେଚନ ମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳ ରାୟଗଡ଼ା ଜିଲ୍ଲା କେନ୍ଦୁଗୁଡ଼ା ବ୍ୟାରେଜର ଉଦ୍‌ଘାଟନ କରି ଚାଷୀଙ୍କ ମୁହଁରେ ହସ ଫୁଟାଇଥିଲେ। ଜଳଭଣ୍ଡାରରୁ ପାଣି ଛାଡ଼ି ୩ଟି ବ୍ଲକର ମରୁଡ଼ି ପ୍ରପୀଡ଼ିତ ହଜାର ହଜାର ଏକର ଜମିରେ ସୁନାର ଫସଲ ପାଇଁ ଜଳସେଚନ ବ୍ୟବସ୍ଥା ହୋଇଥିଲା। ସେହି ଜଳଭଣ୍ଡାର ଗତ ୨୯ ବର୍ଷ ଧରି ଚାଷ ଜମିକୁ ପାଣି ଯୋଗାଇ ଆସୁଛି। ଏବେ ପୁଣି ରାଜ୍ୟର ଆଉ ଜଣେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକୁ ଆହୁରି ବ୍ୟାପକ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଜଳସେଚନ ପ୍ରକଳ୍ପକୁ ନେଇ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏକ ପର୍ଯ୍ୟଟନ ସ୍ଥଳ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଜଳସେଚନ ପ୍ରକଳ୍ପ ସହ ପ୍ରଭାତୀଙ୍କ ପର୍ଯ୍ୟଟନ ବିକାଶ ନେଇ ନୂଆ ଅଧ୍ୟାୟ ଆରମ୍ଭ କରିବ କେନ୍ଦୁଗୁଡ଼ା ବ୍ୟାରେଜ। କୃଷି ପାଇଁ ଜଳସେଚନ ଅପରିହାର୍ଯ୍ୟ। ବିନା ପାଣିରେ ଚାଷ ହୋଇପାରିବ ନାହିଁ। ପଦ୍ମପୁର, ଗୁଡାରୀ ଏବଂ ରାମନାଗୁଡ଼ା ଏହି ୩ଟି ବ୍ଲକ ରାୟଗଡ଼ା ଜିଲ୍ଲାର ଭାତ ହାଣ୍ଡି ରୂପେ ପରିଚିତ। ଏହାକୁ ଗତ ୨୯ ବର୍ଷ ତଳେ ଦେଖିପାରିଥିଲେ ଦୂରଦ୍ରଷ୍ଟା ସ୍ୱର୍ଗତ ବସନ୍ତ ବିଶ୍ୱାଳ। ତାଙ୍କ ଶାସନ ଅମଳରେ ତାଙ୍କ କରକମଳରେ ଏହି ଭାତ ହାଣ୍ଡିକୁ ପାଣି ଯୋଗାଇ ଡ୍ୟାମର ଦ୍ୱାର ଖୋଲି ଜମିକୁ ପାଣି ଛଡ଼ାଯାଇ ଶୁଭାରମ୍ଭ କରାଯାଇଥିଲା। ଆଉ ଏବେକାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଅଛନ୍ତି। ଅର୍ଣ୍ଣବ ବାତ୍ୟାର ମୁକାବିଲା ଓ ପରିଚାଳନା ପାଇଁ ରାୟଗଡ଼ା ଆସି ପ୍ରାକୃତିକ ସମ୍ଭାର ଭିତରେ ମୁଣ୍ଡ ଟେକିଥିବା ଏହି ବ୍ୟାରେଜକୁ ଦେଖି ଡ୍ୟାମର ଜଳରାଶି ଉପରେ ପର୍ଯ୍ୟଟକମାନେ ଜଳକ୍ରୀଡ଼ା କରିବା ପାଇଁ ଯୋଜନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଡ୍ୟାମ ଏକ ବହୁମୁଖୀ ଡ୍ୟାମ ହୋଇପାରିବ ବୋଲି ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି । ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଟି ଭିନ୍ନ ଅଧ୍ୟାୟ: ଏହି ପ୍ରକଳ୍ପର କାହାଣୀରେ ରହିଛି ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଦୁଇଟି ଭିନ୍ନ ଅଧ୍ୟାୟ। ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ୧୯୯୭ ମସିହାରେ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ କେନ୍ଦୁଗୁଡ଼ା ଠାରେ ବଡ଼ ନାଳ ନାଳ ପ୍ରକଳ୍ପର ଉଦ୍‌ଘାଟନ କରି ଅଞ୍ଚଳର ଚାଷୀଙ୍କ ପାଇଁ ଜଳସେଚନର ଦ୍ୱାର ଖୋଲିଥିଲେ। ଆଜିର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଜଳଭଣ୍ଡାରର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ସମ୍ଭାବନାକୁ ଦେଖି ଏହାକୁ ନୂଆ ଦିଗ ଦେବାକୁ ଅଣ୍ଟା ଭିଡ଼ିଛନ୍ତି। ତଥ୍ୟରୁ ଜଣାପଡ଼ିଛି ଯେ, ୧୯୮୦ ମସିହାରେ ଯୋଜନା କମିଶନ ପକ୍ଷରୁ ଅନୁମୋଦନ ପାଇଥିବା ଏହି ପ୍ରକଳ୍ପକୁ ୨୦ ଅକ୍ଟୋବର ୧୯୮୨ରେ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅନୁମୋଦନ ମିଳିଥିଲା। ୧୯୯୯ ମସିହାରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାର ଅଟକଳ ମୂଲ୍ୟ ପ୍ରାୟ ୧୦,୫୮୮.୨୨ ଲକ୍ଷ ଟଙ୍କା ରହିଛି। ୧୯୯୭ ମସିହାରୁ ଏହି ଜଳଭଣ୍ଡାରରୁ ଜଳସେଚନ ପାଣି ଯୋଗାଇ ଦିଆଯାଉଛି। ଏହାର ଜି.ସି.ଏ. ୧୩,୦୬୫ ହେକ୍ଟର ଓ ସି.ସି.ଏ. ୯,୮୭୪ ହେକ୍ଟର। ଖରିଫ ଫସଲ ପାଇଁ ୯,୮୭୪ ହେକ୍ଟର ଏବଂ ରବି ଫସଲ ପାଇଁ ୪,୯୫୦ ହେକ୍ଟର ଜମିରେ ଜଳସେଚନ ହୋଇଛି। ଏହା ଫଳରେ ଗୁଣୁପୁର, ପଦ୍ମପୁର, ରାମନାଗୁଡ଼ା ଓ ଗୁଡାରୀ ବ୍ଲକର ଅନେକ ଚାଷୀଙ୍କ ଜମିରେ ସୁବିଧା ପହଞ୍ଚିଛି ଏବଂ ଧାନ କ୍ଷେତରେ ସୁନା ଫଳୁଛି।

ଏବେ ଜଳଭଣ୍ଡାର ପାଇବ ପର୍ଯ୍ୟଟନର ନୂଆ ପରିଚୟ : ବର୍ଷା ଋତୁରେ ଚାରିଆଡ଼େ ପାହାଡ़, ମେଘମାଳା ଓ ଜଳର ମନୋରମ ପରିବେଶ ଏହି ଅଞ୍ଚଳକୁ ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ କରିପାରିବ। ଜଳଭଣ୍ଡାରରେ ଆଧୁନିକ ଜଳକ୍ରୀଡ଼ାର ବିପୁଳ ସମ୍ଭାବନା ରହିଛି। ପର୍ଯ୍ୟଟକଙ୍କ ପାଇଁ ବୋଟିଂ ସୁବିଧା ନିମନ୍ତେ ସ୍ୱତନ୍ତ୍ର ଜେଟି, ଜେଟ୍ ସ୍କି ଏବଂ ପାରାଗ୍ଲାଇଡିଂ ଭଳି ଆକର୍ଷଣୀୟ ବ୍ୟବସ୍ଥା କରିବା ନେଇ ପ୍ରାଥମିକ ଆଲୋଚନା ହୋଇଛି। ଏଥିସହ ଜଳଭଣ୍ଡାର ମଧ୍ୟରେ ଥିବା ଦ୍ୱୀପରେ ଏକ ସୁଦୃଶ୍ୟ ୱାଚ୍ ଟାୱାର ନିର୍ମାଣ ସହ ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ କଟେଜ୍ ଶୈଳୀର ଆବାସ ନିର୍ମାଣର ସମ୍ଭାବନା ମଧ୍ୟ ଅନୁଧ୍ୟାନ କରାଯାଇଛି।

ଇକୋ-ଟୁରିଜମ ସହ ସ୍ଥାନୀୟଙ୍କ ଜୀବିକାର ବିକାଶ : ଜଳଭଣ୍ଡାର ଓ ଏହାର ଆନୁଷଙ୍ଗିକ ଭିତ୍ତିଭୂମି ଜଳ ସମ୍ପଦ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ବେଳେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରାୟଗଡ଼ା ବନ ବିଭାଗ ଅଧୀନରେ ରହିଛି। ତେଣୁ ଆଗାମୀ ସମସ୍ତ ବିକାଶମୂଳକ କାର୍ଯ୍ୟ ବନ ସଂରକ୍ଷଣ ଆଇନ, ଜଳଭଣ୍ଡାର ପରିଚାଳନା ନିୟମ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ କରାଯିବ। ଇକୋ-ଟୁରିଜମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସାମିଲ କରି ସେମାନଙ୍କ ଜୀବିକା ଓ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ମଧ୍ୟ ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ରହିଛି। ଏକଦା ଯେଉଁ ଜଳଭଣ୍ଡାର ଚାଷୀଙ୍କ ଜମିକୁ ଜଳ ଦେଇ ସେମାନଙ୍କ ମୁହଁରେ ହସ ଫୁଟାଇଥିଲା, ଏବେ ସେହି ଜଳଭଣ୍ଡାର ପର୍ଯ୍ୟଟନର ନୂଆ ସମ୍ଭାବନା ନେଇ ଆଗକୁ ବଢୁଛି।

ନଦୀରୁ ଉଦ୍ଧାର ହେଲା ନିଖୋଜ ଯୁବକଙ୍କ ମୃତଦେହ, ହତ୍ୟା ସନ୍ଦେହ



କିଞ୍ଜିରକେଲା, ୧୨/୧୧ (କୋଶଳ ସମ୍ବାଦ): ସୁନ୍ଦରଗଡ଼ ଜିଲ୍ଲା କିଞ୍ଜିରକେଲା ଥାନା ଅନ୍ତର୍ଗତ କଇତରା ଗ୍ରାମର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଆଜି ନଦୀରୁ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଧୀରଜ ପାଣ୍ଡିଆ। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୂଚନା ଅନୁଯାୟୀ, ଧୀରଜ ଗତ ୯ ତାରିଖରୁ ନିଖୋଜ ଥିଲେ। ସେ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଇଥିବା ଜଣାପଡ଼ିଛି। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗତକାଲି ନଦୀ ପଠାରୁ ରକ୍ତ ଦାଗ ମିଳିଥିବା ଜଣାପଡ଼ିବା ପରେ ଘଟଣା ଅଧିକ ରହସ୍ୟମୟ ହୋଇପଡ଼ିଥିଲା। ଆଜି ସେହି ନଦୀରୁ ଧୀରଜଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ କିଞ୍ଜିରକେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଅନ୍ୟପକ୍ଷରେ ଧୀରଜଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିବା ସହ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଯୁବକଙ୍କ ମୃତ୍ୟୁ ହତ୍ୟାଜନିତ ନା ଅନ୍ୟ କୌଣସି କାରଣରୁ ହୋଇଛି, ତାହା ପୋଲିସ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ।

ବେଆଇନ ଧାନ ବ୍ୟବସାୟରେ ଚଢ଼ାଉ, ୬୧.୯୨ କୁଇଂଟାଲ ଧାନ ଜବତ

ସମ୍ବଲପୁର,୧୧/୧୦: ବେଆଇନ ଧାନ କାରବାର ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଅଭିଯୋଗ ମିଳିବା ପରେ ସମ୍ବଲପୁର ଜିଲ୍ଲା ଏନଫୋର୍ସମେଂଟ ସ୍କ୍ୱାଡ୍ ପକ୍ଷରୁ ରେଙ୍ଗାଲି ବ୍ଲକ୍ ଲୋଇଡ଼ା ଗ୍ରାମରେ ଅଚାନକ ଚଢ଼ାଉ କରିଥିଲା। ଗତ ୧୦ ତାରିଖ ବିଳମ୍ବିତ ସନ୍ଧ୍ୟାରେ ହୋଇଥିବା ଏହି ଚଢ଼ାଉ ସମୟରେ ତୁଳେଶ୍ୱର ବାଗ ନାମକ ବ୍ୟକ୍ତିଙ୍କ ନିକଟରୁ ୧୮୦ଟି ବସ୍ତାରେ ଚାଲାଣ ହେବାପାଇଁ ରଖାଯାଇଥିବା ୬୧.୯୨ କୁଇଂଟାଲ ଧାନ ଜବତ କରାଯାଇଛି। ଏହା ସହିତ ଧାନ ପରିବହନରେ ବ୍ୟବହୃତ ଦୁଇଟି ଗାଡ଼ି ଓଡି ୧୫ ଜେ ୧୬୩୩ ନମ୍ବରର ଗୋଟିଏ ଟ୍ରକ୍ ଓ ଓଡି ୧୫ ଭି ୦୭୨୬ ନମ୍ବରର ଏକ ଭ୍ୟାନକୁ ମଧ୍ୟ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଛି ବୋଲି ଆଜି ଜିଲ୍ଲା ଯୋଗାଣ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ନେଭି ମୁମ୍ବାଇରେ ଶ୍ରୀ ଜଗନ୍ନାଥ ମିତ୍ର ମଣ୍ଡଳ ପକ୍ଷରୁ ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ଅଷ୍ଟପ୍ରହରୀ ଅନୁଷ୍ଠିତ

ପ୍ରବାସୀ ଓଡ଼ିଆ ୟୁଟ୍ୟୁବର ତଥା ସମାଜସେବୀ ଶ୍ରୀ ତ୍ରିଲୋଚନ ସ୍ୱାଇଁ ସମ୍ମାନିତ



ନେଭି ମୁମ୍ବାଇ : ଶ୍ରୀ ଜଗନ୍ନାଥ ମିତ୍ର ମଣ୍ଡଳ, ନେଭି ମୁମ୍ବାଇ ପକ୍ଷରୁ ଗତ ତା ୦୯/୧୧/୨୦୨୬ ରିଖ ଦିନ ନେଭି ମୁମ୍ବାଇଠାରେ ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ଅଷ୍ଟପ୍ରହରୀ କାର୍ଯ୍ୟକ୍ରମ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ମଣ୍ଡଳର ସଭାପତି ଶ୍ରୀଯୁକ୍ତ ସୁଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏହି ପବିତ୍ର ଉତ୍ସବରେ ସୁନାମଧନ୍ୟ ପ୍ରବାସୀ ଓଡ଼ିଆ ୟୁଟ୍ୟୁବର ତଥା ସମାଜସେବୀ ଶ୍ରୀଯୁକ୍ତ ତ୍ରିଲୋଚନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମାଜ ପ୍ରତି ତାଙ୍କର ଅତୁଳନୀୟ ସେବା ଓ ଅବଦାନ ପାଇଁ ଶ୍ରୀ ଜଗନ୍ନାଥ ମିତ୍ର ମଣ୍ଡଳ ପକ୍ଷରୁ ତାଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ସ୍ୱାଇଁ ଅନୁଷ୍ଠାନର ଏଭଳି ଧାର୍ମିକ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ପ୍ରବାସରେ ରହି ମଧ୍ୟ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ସମାଜରେ ଉତ୍ତମ ସଂସ୍କାର, ଭାଇଚାରା ଏବଂ ଆତ୍ମିକ ଶାନ୍ତି ପ୍ରତିଷ୍ଠା ହୋଇଥାଏ। ପରିଶେଷରେ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ସୁଜନ ବେହେରା କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତା, ଶ୍ରଦ୍ଧାଳୁ ଏବଂ ଜନସାଧାରଣଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ।

ସୁନ୍ଦରଗଡ଼ ଜେଲ୍‌ରେ ଅନ୍ତେବାସୀଙ୍କ ସହ ମିଶିଲେ ସଦର ବିଧାୟକ, ବୁଝିଲେ ସମସ୍ୟା



ସୁନ୍ଦରଗଡ଼ (ରିପୋର୍ଟ: ପ୍ରଫୁଲ୍ଲ ରୋହିଦାସ): ସୁନ୍ଦରଗଡ଼ ଜିଲ୍ଲା କାରାଗାର ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ସାକ୍ଷାତ କରିଛନ୍ତି ସଦର ବିଧାୟକ ଯୋଗେଶ କୁମାର ସିଂ। ଏହି ଅବସରରେ ସେ ଅନ୍ତେବାସୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କାରାଗାରର ବିଭିନ୍ନ ବ୍ୟବସ୍ଥା ବୁଲି ଦେଖିବା ସହ ଅନ୍ତେବାସୀଙ୍କ ଦୈନନ୍ଦିନ ଜୀବନ, ରହିବା ବ୍ୟବସ୍ଥା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ପରିଦର୍ଶନ ସମୟରେ ସାମ୍ନାକୁ ଆସିଥିବା ବିଭିନ୍ନ ସମସ୍ୟାକୁ ସେ ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର କରାଇବା ସହ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଜଣାଇଥିବା ସୂଚନା ମିଳିଛି। ଜଣେ ଜନପ୍ରତିନିଧି ଭାବେ ଅନ୍ତେବାସୀଙ୍କ ସମସ୍ୟା ଶୁଣିବା ଓ ସେମାନଙ୍କ ମୌଳିକ ସୁବିଧା ପ୍ରତି ଧ୍ୟାନ ଦେବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



କୋଶଳ ସମ୍ବାଦ

ଅନ୍ତର୍ଜାତୀୟ ଖବର

ଖୁବଶୀଘ୍ର ଶେଷ ହୋଇପାରେ ରୁଷ-ୟୁକ୍ରେନ ଯୁଦ୍ଧ, ଭାରତ ତୁଲାଉଛି ଗୁରୁତ୍ୱପୂର୍ଣ୍ଣ ଭୂମିକା



ନୂଆଦିଲ୍ଲୀ : ରୁଷ ଏବଂ ୟୁକ୍ରେନ ମଧ୍ୟରେ ଦୀର୍ଘ ସମୟ ଧରି ଚାଲିଥିବା ଯୁଦ୍ଧ ଏବେ ଶେଷ ହୋଇପାରେ । ଭାରତ ରୁଷ-ୟୁକ୍ରେନ ବିବାଦର ଅନ୍ତ ପାଇଁ ନୂଆଦିଲ୍ଲୀର କୂଟନୈତିକ ପ୍ରୟାସ ବିଷୟରେ ବିସ୍ତୃତ ଭାବରେ ସୂଚନା ଦେଇଛି । ଭାରତ କହିଛି ଯେ ଉଭୟ ଦେଶ ଏବଂ ଅନ୍ୟାନ୍ୟ ସଂପୃକ୍ତ ପକ୍ଷଙ୍କ ସହିତ ସର୍ବୋଚ୍ଚ ସ୍ତରରେ ଆଲୋଚନା ଚାଲିଛି । ଏହି ସୂଚନା ମଙ୍ଗଳବାର ଦିନ ପ୍ରକାଶ ପାଇଲା ଯେତେବେଳେ ରୁଷ ଏବଂ ୟୁକ୍ରେନ ଆବୁଧାବିରେ ଶାନ୍ତି ଆଲୋଚନା ଆରମ୍ଭ କରିଥିଲେ, ଯାହାକୁ ଆମେରିକା ମଧ୍ୟସ୍ଥତା କରୁଛି । ଭାରତ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଏକ ଚୁକ୍ତି ପାଇଁ ଚାପ ପକାଉଛି ଯେଉଁଥିରେ କଳା ସାଗରରେ ଜାହାଜ ଚଳାଚଳ, ଶସ୍ୟ ଏବଂ ଶକ୍ତି ରପ୍ତାନି ଏବଂ ଏକ ଅଣ-ଆକ୍ରମଣ ଚୁକ୍ତି ଅନ୍ତର୍ଭୁକ୍ତ ହେବ । ମଙ୍ଗଳବାର ଏକ ପ୍ରେସ ବ୍ରିଫିଂରେ, ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ୍ କହିଛନ୍ତି ଯେ, ନୂଆଦିଲ୍ଲୀ ମସ୍କୋ ଏବଂ କିଭ୍ ସହିତ ଅନ୍ୟାନ୍ୟ ପ୍ରାସଙ୍ଗିକ ପକ୍ଷମାନଙ୍କୁ ନେଇ କୂଟନୈତିକ ପଦକ୍ଷେପ ନେଉଛି । ଜୟସୱାଲ୍ କହିଛନ୍ତି, 'ୟୁକ୍ରେନ ସମ୍ପର୍କରେ, ମୁଁ ଆପଣଙ୍କୁ ଆମେ ନେଉଥିବା ପଦକ୍ଷେପ ବିଷୟରେ ବିସ୍ତୃତ ଭାବରେ ବୁଝାଇଛି । ଆମେ ଉଭୟ ଦେଶ ଏବଂ ଅନ୍ୟ ଅଂଶୀଦାର ମାନଙ୍କ ସହିତ ଆଲୋଚନା କରୁଛୁ, ଏବଂ ଏହି ଆଲୋଚନା ସର୍ବୋଚ୍ଚ ସ୍ତରରେ ହେଉଛି ।' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ସହିତ ଆଲୋଚନା ଏବଂ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ତାଙ୍କ ରୁଷୀୟ ପ୍ରତିପକ୍ଷ ସେର୍ଗେଇ ଲାଭରୋଭଙ୍କ ସହିତ ଆଲୋଚନା ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଏହି ବିବୃତ୍ତି ଆସିଛି । ୨୪ ଫେବୃଆରୀ, ୨୦୨୨ରେ ରୁଷର ପୂର୍ବ ୟୁକ୍ରେନ ଉପରେ ପୂର୍ଣ୍ଣ ଆକ୍ରମଣ ସହିତ ଯୁଦ୍ଧ ଆରମ୍ଭ ହୋଇଥିଲା । ଜାତିସଂଘର ତଥ୍ୟ ଅନୁଯାୟୀ, ସେବେଠାରୁ ଅତି କମରେ ୧୭,୯୬୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ଟଘ୍ୱାଉଜ ଏବଂ ଅନ୍ତର୍ଜାତୀୟ ସଂଗଠନ (IOM) ଅନୁଯାୟୀ, ପ୍ରାୟ ୯୫ ଲକ୍ଷ ୟୁକ୍ରେନୀୟ ଲୋକ ବିସ୍ଥାପିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୯ ଲକ୍ଷ ଲୋକ ବିଦେଶରେ ଶରଣାର୍ଥୀ ଭାବରେ ରହୁଛନ୍ତି, ଯେତେବେଳେ ପ୍ରାୟ ୩୬ ଲକ୍ଷ ଲୋକ ଦେଶ ଭିତରେ ବିସ୍ଥାପିତ ।

ଇରାନ ଭୟରେ ସରକାରୀ ବାସଭବନ ଛାଡି ପଳାଇଲେ ଆମେରିକାର ଅର୍ଥ ମନ୍ତ୍ରୀ



ନୂଆଦିଲ୍ଲୀ : ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଆମେରିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସାଣ୍ଟଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି । ଇରାନରୁ ତାଙ୍କ ଜୀବନ ପ୍ରତି ଧମକ ମିଳିବା ପରେ, ବେସାଣ୍ଟ ତାଙ୍କ ସରକାରୀ ବାସଭବନ ଛାଡି ଏକ ସାମରିକ ଘାଟିକୁ ଚାଲିଯାଇଛନ୍ତି । ମଙ୍ଗଳବାର ନ୍ୟୁୟର୍କ ଟାଇମ୍ସ ଏହି ରିପୋର୍ଟ ପ୍ରକାଶ କରିଛି, ଏହି ଘଟଣା ସହିତ ଜଡିତ ଲୋକଙ୍କ ସୂଚନାକୁ ଆଧାର କରି ଏହି ଉଦ୍ଧୃତି ଦେଇଛି ଗଣମାଧ୍ୟମ । ତଥାପି ବେସା ଙ୍କୁ ମିଳିଥିବା ଧମକର ପ୍ରକୃତି ଏବଂ ଗମ୍ଭୀରତା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ଖବର ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକୀୟ ପ୍ରଶାସନ ଆମେରିକୀୟ ନାଗରିକ ଏବଂ ଅଧିକାରୀ ମାନଙ୍କୁ ଟାର୍ଗେଟ କରୁଥିବା ଇରାନକୁ ନେଇ ଚିନ୍ତିତ ହେଉଛି । ତଥାପି, ଆମେରିକୀୟ ଅଧିକାରୀ ମାନେ ମୂଲ୍ୟାଙ୍କନ କରୁଛନ୍ତି ଯେ ଇରାନର ଘରୋଇ କିମ୍ବା ବିଦେଶରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିବାର କ୍ଷମତା ସୀମିତ । ଅନ୍ୟପକ୍ଷରେ, ଇରାନ ଆମେରିକୀୟ ମାଟିରେ ଲୋକଙ୍କୁ ଟାର୍ଗେଟ କରିବାକୁ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗକୁ ନିରନ୍ତର ଅସ୍ୱୀକାର କରିଆସୁଛି । ସ୍କଟ୍ ବେସା ଇରାନର ମେରୁଦଣ୍ଡ ଭାଙ୍ଗିବା ପାଇଁ ଆମେରିକୀୟ ପ୍ରଶାସନର ଅର୍ଥନୈତିକ ରଣନୀତିରେ ଜଣେ ପ୍ରମୁଖ ବ୍ୟକ୍ତି । ଆମେରିକାର ଅର୍ଥ ବିଭାଗ ପ୍ରତିବନ୍ଧକ ଏବଂ ଆର୍ଥିକ ପ୍ରତିବନ୍ଧକ ମାଧ୍ୟମରେ ଇରାନର ତୈଳ ରାଜସ୍ୱ, ଆର୍ଥିକ ନେଟୱାର୍କ ଏବଂ ପୁଞ୍ଜି କାରବାରକୁ ବାଧା ଦେବା ପାଇଁ କାମ କରୁଛି । ଫେବୃଆରୀ ୨୮ ତାରିଖରେ ଆରମ୍ଭ ହୋଇଥିବା ଆମେରିକା-ଇସ୍ରାଏଲ ସଂଘର୍ଷ ସମୟରେ ଇରାନ ଉପରେ ଆର୍ଥିକ ଚାପ ଆହୁରି ତୀବ୍ର ହୋଇଛି । ଆମେରିକୀୟ ଅଧିକାରୀ ମାନେ ଇରାନର ଆୟର ଉତ୍ସ ଏବଂ ସାମରିକ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ଦୁର୍ବଳ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି ।

୧୦ ବର୍ଷରେ ଇତିହାସ ପାଲଟିବ କର୍କଟ ଓ ହାର୍ଟ ରୋଗ !



କର୍କଟ, ଆଲଜାଇମର୍ସ, ହୃଦ୍‌ରୋଗ ଓ ମାନସିକ ରୋଗ। ଏସବୁ ଆଜି ବି ଚିକିତ୍ସା ବିଜ୍ଞାନ ପାଇଁ ବଡ଼ ଆହ୍ୱାନ। କିନ୍ତୁ ଆଗାମୀ ଦିନରେ ସେସବୁ ଇତିହାସ ପାଲଟିଯିବ। ଆଉ ଏହାର ପଛରେ ରହିବ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ। ୧୦ ବର୍ଷ ମଧ୍ୟରେ ଏହି ରୋଗଗୁଡ଼ିକର ଅନ୍ତ ଘଟିବ ବୋଲି ଦାବି କରିଛନ୍ତି ଏଆଇ କମ୍ପାନୀ ଆନ୍ଥ୍ରୋପିକ୍‌ର ସିଇଓ ଡାରିଓ ଆମୋଡେଇ। ଗୁଗଲର ଏଆଇ ମୁଖ୍ୟ ଡେମିସ୍ ହାସାବିସ୍ ଓ ଏଲନ୍ ମସ୍କ ମଧ୍ୟ ଏଆଇ ଚିକିତ୍ସା କ୍ଷେତ୍ରରେ ବିପ୍ଳବ ଆଣିବାର କ୍ଷମତା ରଖିଥିବା ଦମ୍ଭୋକ୍ତି କରିଛନ୍ତି। ଆନ୍ଥ୍ରୋପିକ୍‌ର ସିଇଓ ଡାରିଓଙ୍କ କହିବା କଥା ଯେ ଏଆଇ ଜୈବିକ ଗବେଷଣା, ନୂଆ ଔଷଧର ଆବିଷ୍କାର ଓ ଚିକିତ୍ସା ପଦ୍ଧତିର ବିକାଶକୁ ଅଭୂତପୂର୍ବ ଗତି ଦେଇଛି ଓ ଆଗାମୀ ଦିନରେ ଏହା ଆହୁରି ଶାଣିତ ହେବ। ଏଆଇ ମାଧ୍ୟମରେ ମାନବ ସଭ୍ୟତା ଏଭଳି ଏକ ଯୁଗରେ ପ୍ରବେଶ କରିପାରିବ, ଯେଉଁଠି ହଜାର ହଜାର ବର୍ଷ ଧରି ଅସମାଧିତ ରହିଥିବା ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ। ସେ କହିଛନ୍ତି, "ମୋତେ ଲାଗୁଛି ଯଦି ଆମେ ସବୁ କିଛି ଠିକ ଭାବେ କରିପାରିବା, ତା'ହେଲେ ଗୋଟିଏ ଚମତ୍କାର କରିପାରୁଥିବା ଯୁଗ ସୃଷ୍ଟି ହେବ। ଏହି ଯୁଗରେ ମାନବତା ସେହି ସବୁ ସମସ୍ୟାର ସାମାଧାନ କରିବାକୁ ସକ୍ଷମ ହେବ, ଯାହା ବର୍ଷ ବର୍ଷ ଧରି ସମସ୍ତ ଅସାମାଧିକ ସମସ୍ୟା କରିପାରିବ।" କେବଳ ଆମୋଡେଇ ନୁହନ୍ତି, ଏଆଇର ଅନ୍ୟ ପ୍ରମୁଖ ବ୍ୟକ୍ତିବିଶେଷମାନେ ମଧ୍ୟ ଚିକିତ୍ସା ବିଜ୍ଞାନକୁ ନେଇ ଅନେକ ନୂଆ ଆଶା ଦେଖାଇଛନ୍ତି। ଗୁଗଲର ଏଆଇ ମୁଖ୍ୟ ଡେମିସ୍ ହାସାବିସ୍‌ଙ୍କ ମତରେ ଏଆଇ ଯୋଗୁ ଦୀର୍ଘ ୧୦ ବର୍ଷ ଧରି ଚାଲୁଥିବା ଔଷଧ ଆବିଷ୍କାର ପ୍ରକ୍ରିୟାକୁ ମାତ୍ର କିଛି ସପ୍ତାହ ମଧ୍ୟରେ ଶେଷ କରାଯାଇପାରିବ। ସେ ଗୁଗଲର ଏଆଇ ଟୁଲ୍ 'ଆଲଫାଫୋଲ୍ଡ'ର ସଫଳତାକୁ ମଧ୍ୟ ଉଦାହରଣ ଭାବେ ଉପସ୍ଥାପନ କରିଛନ୍ତି। ଏହି ଟେକ୍ନୋଲୋଜି ୨୦ କୋଟିରୁ ଅଧିକ ପ୍ରୋଟିନ୍‌ର ଗଠନ ସମ୍ପର୍କରେ ତଥ୍ୟ ଦେଇ ଜୈବିକ ଗବେଷଣାକୁ ନୂଆ ଦିଗ ଦେଇଥିବା ସେ କହିଛନ୍ତି। ଯଦିଓ ଆଲଢ଼ାଫୋଲ୍ଡ ଗୋଟିଏ ବଡ଼ ବିଜ୍ଞାନଗତ ସଫଳତା, ତଥାପି ଏଆଇ ଦ୍ୱାରା କର୍କଟ, ଆଲଜାଇମର୍ସ, ହୃଦ୍‌ରୋଗ ଓ ଅନ୍ୟ ଜଟିଳ ରୋଗର ଚିକିତ୍ସା ଗୋଟିଏ ଦଶନ୍ଧି ମଧ୍ୟରେ ହୋଇଯିବ ବୋଲି ପ୍ରମାଣ ନୁହେଁ। ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ କହିଛନ୍ତି ଯେ ଏଆଇର ବିକାଶ ଯୋଗୁ ଭବିଷ୍ୟତରେ ସାଧାରଣ ଲୋକ ମଧ୍ୟ ଆମେରିକାର ରାଷ୍ଟ୍ରପତିଙ୍କୁ ମିଳୁଥିବା ଚିକିତ୍ସା ସୁବିଧାର ସେବା ପାଇପାରିବେ। ଅର୍ଥାତ୍ ଉନ୍ନତ ଚିକିତ୍ସା ଆଉ କେବଳ ଧନୀ ଓ ପ୍ରଭାବଶାଳୀଙ୍କ ପାଖରେ ସୀମିତ ରହିବ ନାହିଁ ବୋଲି ସେ ମତ ରଖିଛନ୍ତି। ହେଲେ ଏଆଇକୁ ନେଇ ଏପରି ଦାବିରେ ଏକମତ ହୋଇନାହାନ୍ତି ଔଷଧ ନିର୍ମାତା କମ୍ପାନୀଗୁଡ଼ିକ ମୁଖ୍ୟ ଓ ଚିକିତ୍ସା ବିଶେଷଜ୍ଞ। ଭର୍ଟେକ୍ସ ଫାର୍ମାସ୍ୟୁଟିକାଲ୍ସର କାର୍ଯ୍ୟନିର୍ବାହୀ ଅଧକ୍ଷ ଜେଫ୍ ଲିଡେନ୍ ଏହି ଦାବିକୁ ସମ୍ପୂର୍ଣ୍ଣ ଅବାସ୍ତବ ବୋଲି କହିଛନ୍ତି। ସେ କହିଛନ୍ତି, ପ୍ରାୟ ୧୦ ହଜାର ଔଷଧୀୟ ଯୌଗିକର ବିଶ୍ଳେଷଣ ପାଇଁ ପ୍ରାୟ ୫୦ଟି ଏଆଇ କମ୍ପାନୀର ଟେକ୍ନୋଲୋଜି ପରୀକ୍ଷା କରାଯାଇଥିଲା। ସେଥିରୁ କୌଣସି ଗୋଟିଏ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁ ଥିବା ଔଷଧ ପ୍ରସ୍ତୁତ କରିପାରିନଥିଲେ। ବିଶେଷଜ୍ଞଙ୍କ ମତରେ କମ୍ପ୍ୟୁଟରରେ ଏକ ସମ୍ଭାବ୍ୟ ଔଷଧୀୟ ଅଣୁ ଚିହ୍ନଟ କରିବା ହେଉଛି କେବଳ ପ୍ରଥମ ପଦକ୍ଷେପ।

ଜେଲର କାଳ କୋଠରୀରେ ଥାଇ ବି' ଆତଙ୍କୀ ଉଡାଇଦେଲା ବ୍ରିଟିଶ ବାୟୁସେନା ଘାଟି

ଜାଣିପାରିଲାନି FBI, କୋଡେଡ୍ ଭାଷାରେ କରୁଥିଲା କଥାବାର୍ତ୍ତା



ନୂଆଦିଲ୍ଲୀ : ସେପ୍ଟେମ୍ବର ମାସର ସେହି ରାତି, ଯେତେବେଳେ ତିନୋଟି ଭ୍ୟାନ୍ ପଶ୍ଚିମ ବ୍ରିଟେନର ରୟାଲ୍ ବାୟୁସେନା ଘାଟି ଫେୟାରଫୋର୍ଡ ଅଭିମୁଖେ ଯାତ୍ରା କରୁଥିଲା, ସେତେବେଳେ ବିଶ୍ୱ କେବଳ ଜାଣିଥିଲା ? ଯେ ଏକ ଗମ୍ଭୀର ବିପଦ ଆସୁଛି । ଆମେରିକୀୟ ବୋମା ବିସ୍ଫୋରଣକାରୀ ବିମାନ ଗୁଡିକ ସେଠାରେ ମୁତୟନ ଥିଲେ । ସନ୍ଦିଗ୍ଧ ଯାନ ଗୁଡ଼ିକୁ ଦେଖି ସୁରକ୍ଷା ଏଜେନ୍ସି ଗୁଡ଼ିକ ତୁରନ୍ତ କାର୍ଯ୍ୟରେ ଲାଗିପଡ଼ିଲେ । ୭ ଜଣଙ୍କୁ ତୁରନ୍ତ ଅଟକ ରଖାଯାଇଥିଲା । ସମଗ୍ର ବିଶ୍ୱ ଏହି ଘଟଣା ଶୁଣିଲା ଏବଂ ଦେଖିଲା, କିନ୍ତୁ ପ୍ରକୃତ ରହସ୍ୟ ଆଉ କିଛି ଥିଲା, ହଜାର ହଜାର ମାଇଲ ଦୂରରେ, ନ୍ୟୁୟର୍କର ଏକ ବ୍ରୁକଲିନ୍ ଜେଲର ଏକ ଅନ୍ଧାର କୋଠରୀରେ । ଏହି କାହାଣୀ ଶୁଣିବାକୁ ଅଜବ ଲାଗିପାରେ, କିନ୍ତୁ ଯୋଜନା ପ୍ରକୃତରେ ଜେଲ କାନ୍ଥ ଭିତରେ ରଚିତ ହୋଇଥିଲା, ଏବଂ ଏହା ପଛରେ ଥିବା ବ୍ୟକ୍ତି ଜଣକ ଥିଲେ ମହମ୍ମଦ ବାକର ସାଦ ଦାଉଦ ଅଲ-ସାଦି । ଏପି ର ଏକ ରିପୋର୍ଟ ଅନୁଯାୟୀ, ଏହି ବ୍ୟକ୍ତି ଜଣେ ଦ୍ୱୈତ ଇରାନୀ-ଇରାକୀ ନାଗରିକ । ଏହି ବ୍ୟକ୍ତି ଗତ ବସନ୍ତ ଋତୁରୁ ମେଟ୍ରୋପଲିଟାନ୍ ଡିଟେନସନ୍ ସେ ରରେ ବନ୍ଦୀ ଥିଲେ । ସେ ଆତଙ୍କବାଦ ଅଭିଯୋଗରେ ଜେଲ ଚାରିକାନ୍ଥ ଭିତରେ ସମୟ କାଟୁଥିଲେ, ତଥାପି ନଭେମ୍ବର ୧୦ ତାରିଖରେ ଖୋଲାଯାଇଥିବା ଏକ ନୂତନ ଚାର୍ଜସିଟ୍ ଏକ ଆଶ୍ଚର୍ଯ୍ୟଜନକ ପ୍ରକାଶ କରିଥିଲା । ଏହା ଖୁଲାସା କଲା ଯେ,ଏହି ବ୍ୟକ୍ତି ତାଙ୍କ ଜେଲ ଭିତରୁ ବ୍ରିଟିଶ ବାୟୁସେନା ଘାଟି ଉପରେ ଆକ୍ରମଣ ଷଡଯନ୍ତ୍ର କରୁଥିଲେ । କାରାଗାରରେ ଏକାକୀ ବନ୍ଦୀ କରି ରଖାଯାଇଥିବା ଅଲ୍-ସାଦିଙ୍କ ପାଖରେ କେହି ନଥିଲେ, କିନ୍ତୁ ତାଙ୍କୁ ତାଙ୍କ ପରିବାର ସହିତ କଥା ହେବାକୁ ଅନୁମତି ଦିଆଯାଇଥିଲା । ଉଈଓ ତାଙ୍କ ପ୍ରତ୍ୟେକ କଲ୍ ଉପରେ ନଜର ରଖି ରେକର୍ଡ କରିଥିଲା, ତଥାପି ପୋଲିସ ଅଜଣା ରହିଲା । ବ୍ୟବହୃତ କୋଡେଡ୍ ଭାଷା ଏତେ ଚତୁର ଥିଲା ଯେ ବାର୍ତ୍ତା ଗୁଡ଼ିକ ବାହାର ଦୁନିଆରେ ପହଞ୍ଚିଗଲା, କିନ୍ତୁ ଆମେରିକୀୟ ପୋଲିସ ଅଜଣା ରହିଲା । ଏହା ଏକ ଚଳଚ୍ଚିତ୍ର କାହାଣୀ ପରି । ଜୁଲାଇ ୩୦ ତାରିଖର କଲ୍ ଏହିପରି ଥିଲା । ମହମ୍ମଦ ଅଲି ଅଲ୍-ହାସାନି ପଚାରିଲେ, 'ଆମର ପୁରୁଣା କାମର କ'ଣ ଘଟୁଛି ? ଏହାକୁ ବାତିଲ କରାଯାଇଛି ନା କେବଳ ସ୍ଥଗିତ ରଖାଯାଇଛି ? ଭଉଣୀ ବ୍ୟାଖ୍ୟା କରନ୍ତି, 'ଏହା ବାତିଲ କରାଯାଇନାହିଁ ।' ସେହିପରି, ସେପ୍ଟେମ୍ବର ୨୪ ରେ ହୋଇଥିବା କଲ୍ ଅନୁସାରେ, ମହମ୍ମଦ ଅଲି ଅଲ୍-ହାସାନି କୁହନ୍ତି, 'ତାଙ୍କୁ ଟଙ୍କା ଦିଅ ଯାହା ଦ୍ୱାରା ଆମେ ସେହି କାମ କରିପାରିବୁ ।' ଏହି ସମୟରେ, ସାଦିଙ୍କ ମାଆ ତାଙ୍କୁ ପୂର୍ବରୁ ଚେତାବନୀ ଦେଇଥିଲେ, 'ଏହି ବିଷୟ ଉପରେ ଆଲୋଚନା କର ନାହିଁ, ମୁଁ କାଟି ଦେଇପାରିବି।' ଏହି ସମୟରେ, ଉଈଓ ପ୍ରକୃତରେ କଲ୍ ବିଚ୍ଛିନ୍ନ କରିଦେଇଥିଲା। ଏଠାରେ, ହାସାନିଙ୍କ 'କାମ' ଆତଙ୍କବାଦୀ କାର୍ଯ୍ୟକଳାପକୁ ବୁଝାଉଥିଲା । ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ନଅଟି କଲ୍ କରାଯାଇଥିଲା । ଏହା କେବଳ ଗୋଟିଏ ଆକ୍ରମଣ ନଥିଲା। ପବ୍ଲିକ ପ୍ରସିକ୍ୟୁଟରଙ୍କ ଅନୁଯାୟୀ, ଅଲ୍-ସାଦି, ମୋହସେନ୍ ମୋହାଜେରି ଏବଂ ଅଲ୍-ହାସାନି ଇରାନ-ସଂଯୁକ୍ତ ଆତଙ୍କବାଦୀ ନେଟୱାର୍କ - ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଏବଂ କତାଇବ୍ ହିଜବୋଲ୍ଲା ପକ୍ଷରୁ ୟୁରୋପ ଏବଂ ଆମେରିକାର ଯିହୁଦୀ ସମ୍ପ୍ରଦାୟ ଉପରେ ପ୍ରାୟ ୨୦ ଟି ଆକ୍ରମଣ ଯୋଜନା କରୁଥିଲେ । ଏପ୍ରିଲରେ, ସେମାନେ ଲଣ୍ଡନର ଏକ ଯିହୁଦୀ ଦାନଶୀଳ ସଂସ୍ଥାରେ ପୋଡ଼ି ଦେବା ପାଇଁ ଲାଇଭ୍ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ, ଏକ ଲାପଟପ୍‌ରୁ ଏକ ବଡ଼ ସ୍କ୍ରିନରେ ଏକ ଭିଡିଓ ଦେଖି । ପରଦିନ, ସିନାଗଗନ୍ ଉପରେ ଆକ୍ରମଣ କରିବାକୁ ଏକ ନିର୍ଦ୍ଦେଶ ଦିଆଯାଇଥିଲା: 'ଏହାକୁ ଏକ ଖ୍ରୀଷ୍ଟମାସ ଗଛ ପରି ପୋଡ଼ି ଦିଅ।' ନିଜକୁ ଯୁଦ୍ଧବନ୍ଦୀ ବୋଲି କହିଥିବା ଅଲ-ସାଦି ମେ ମାସରୁ ଜାମିନ୍ ବିନା ଜେଲରେ ଥିଲେ । ଜୁନ୍ ମାସରେ, ସେ ୟୁରୋପରେ ଅତି କମରେ ୧୮ ଆକ୍ରମଣ ଷଡ଼ଯନ୍ତ୍ର ଅଭିଯୋଗରେ ଦୋଷୀ ନ ଥିବା ସ୍ୱୀକାର କରିଥିଲେ, କିନ୍ତୁ ଏକ ନୂତନ ଚାର୍ଜସିଟ୍ ପ୍ରକାଶ କରିଛି ଯେ ଜେଲ୍ କାନ୍ଥ ମଧ୍ୟ ତାଙ୍କ ପ୍ରବେଶକୁ ରୋକି ପାରିବ ନାହିଁ । ବ୍ରିଟିଶ ଏୟାରବେସ୍ ଉପରେ ଆକ୍ରମଣ ଘଟଣାରେ ଗିରଫ ହୋଇଥିବା ସାତ ଜଣଙ୍କ ମଧ୍ୟରୁ ଦୁଇଜଣଙ୍କୁ ପରେ ଇରାନୀ ଗୁପ୍ତଚର ସେବାକୁ ସହାୟତା କରିବା ଅଭିଯୋଗରେ ପୁନଃ ଗିରଫ କରାଯାଇଥିଲା । ଇରାନ ଏହାକୁ ଅସ୍ୱୀକାର କରିଥିଲା, କିନ୍ତୁ ଆମେରିକା ଏହାର ବୋମା ବିସ୍ଫୋରଣକାରୀଙ୍କୁ ଫେରାଇ ନେଇଥିଲା । ମାନହାଟନର ଆମେରିକୀୟ ଓକିଲ ସ୍ପଷ୍ଟ ଭାବରେ କହିଥିଲେ: 'ଏହି ବ୍ୟକ୍ତିମାନେ ଇରାନ ସହିତ ଜଡିତ ଆତଙ୍କବାଦୀ ସଂଗଠନ ପକ୍ଷରୁ ଯିହୂଦୀ ସମ୍ପ୍ରଦାୟ ଏବଂ ଆମେରିକୀୟ ସୈନିକ ମାନଙ୍କୁ ବାସସ୍ଥାନ କରୁଥିବା ବ୍ରିଟିଶ ଘାଟି ବିରୁଦ୍ଧରେ ଆତଙ୍କ ଅଭିଯାନ ଚଳାଇଥିଲେ। ଧମକ କାଳ୍ପନିକ ନୁହେଁ, ଏହା ସମ୍ପୂର୍ଣ୍ଣ ବାସ୍ତବ।' ଜଣେ ବନ୍ଦୀ, ପରିବାର ସହିତ ଏକ ସାଧାରଣ କଥାବାର୍ତ୍ତା, କୋଡ୍ ଶବ୍ଦ ଏବଂ ହଜାର ହଜାର ମାଇଲ ଦୂରରେ ଏକ ସାମରିକ ଘାଟି ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତି । ଆଧୁନିକ ଆତଙ୍କବାଦର ଏହି କାହାଣୀ ଦର୍ଶାଉଛି ଯେ ଜେଲ୍ ବାର୍ ମଧ୍ୟ କେତେକ ସମୟରେ କେବଳ କାନ୍ଥ । ନ୍ୟାୟ ବିଭାଗ ବର୍ତ୍ତମାନ ଏହି ଷଡ଼ଯନ୍ତ୍ରକୁ ସମ୍ପୂର୍ଣ୍ଣ ଭାବରେ ପର୍ଦ୍ଦାଫାସ କରିବାକୁ କାମ କରୁଛି, କିନ୍ତୁ ପ୍ରଶ୍ନ ହେଉଛି ଏପରି ଆହୁରି କେତେ କଲ୍ କରାଯାଇଛି ଯାହା ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହିଁ ?

ଆମେରିକାର F-35 ଫାଇଟର ପ୍ଲେନ୍‌ର ୧୦ ଲକ୍ଷ ସ୍କେୟାର ପାର୍ଟସ୍ ଗାଏବ୍, ଇଞ୍ଜିନ-ଟାୟାର, ନଟ୍-ବୋଲ୍ଟ ବି ମିଳୁନି



ୱାଶିଂଟନ୍, ୧୧ : ଆମେରିକାର ସବୁଠାରୁ ଶକ୍ତିଶାଳୀ ଯୁଦ୍ଧ ବିମାନ ମଧ୍ୟରୁ ଅନ୍ୟତମ F-35 ଷ୍ଟିଲ୍ଥ ଫାଇଟର ଜେଟ୍‌କୁ ନେଇ ବଡ଼ ଖୁଲାସା । ଏହି ଅତ୍ୟାଧୁନିକ ଯୁଦ୍ଧ ବିମାନର ୧୦ ଲକ୍ଷରୁ ଅଧିକ ସ୍କେୟାର ପାର୍ଟସର ହିସାବ ମିଳୁନାହିଁ। ଏହାର ମୂଲ୍ୟ ପ୍ରାୟ ୮୫ ନିୟୁତ ଡଲାର, ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୭୯୭ କୋଟି ଟଙ୍କା। ସବୁଠାରୁ ବଡ଼ କଥା ହେଉଛି, ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ମଧ୍ୟ ଏହି ସ୍କେୟାର ପାର୍ଟସର ଗୁଡ଼ିକର ସଠିକ୍ ହିସାବ ଦେଇପାରୁନାହିଁ। ମିଲିଟାରୀ ୱାଚ୍ ମ୍ୟାଗାଜିନ୍‌ର ରିପୋର୍ଟ ଅନୁସାରେ, ଆମେରିକାର ସରକାରୀ ଅଡିଟ୍ ସଂସ୍ଥା ଗର୍ଭମେଣ୍ଟ ଆକାଉଣ୍ଟ ବିଲିଟି ଅଫିସ୍ (GAO) ନଭେମ୍ବର ୯ରେ ଏକ ରିପୋର୍ଟ ଜାରି କରିଛି। ଏଥିରେ F-35 ଫାଇଟର ଜେଟ୍‌ର ସ୍କେୟାର ପାର୍ଟସର ପରିଚାଳନାରେ ଅନେକ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମଧ୍ୟ ପୂର୍ବରୁ ଚିହ୍ନଟ ହୋଇଥିବା ୧୦ ଲକ୍ଷରୁ ଅଧିକ ପୁର୍ଜାର ସ୍ଥିତି ବିଷୟରେ F-35 ଜଏ ପୋଗ୍ରାମ ଅଫିସ (JPO) ପାଖରେ ସଠିକ୍ ତଥ୍ୟ ନାହିଁ। F-35ର ରକ୍ଷଣାବେକ୍ଷଣକୁ ନେଇ ମଧ୍ୟ ଆମେରିକା ପାଇଁ ଚିନ୍ତା ବଢ଼ିଛି। ପେଣ୍ଟାଗନ୍‌ର ରିପୋର୍ଟ ଅନୁସାରେ, ଏହି ଯୁଦ୍ଧ ବିମାନର ଉପଲବ୍ଧତା ହାର ମାତ୍ର ୫୦ ପ୍ରତିଶତ ରହିଛି। ଅର୍ଥାତ୍ ଅଧା ସମୟ ଏହି ବିମାନଗୁଡ଼ିକ ଉଡ଼ାଣ ପାଇଁ ପ୍ରସ୍ତୁତ ନଥାଏ।

ଗୁଜ